# ଜିଲ୍ଲାକାର୍ଯ୍ୟାଳୟ, ଅନୁଗୋଳ

(ପୁନର୍ବାସ ଓ ଥଇଥାନ ଉପବିଭାଗ)

ସଂଖ୍ୟା ...177... ତା. ...25/11/2011...

## ବିଜ୍ଞାପନ

ଏତଦ୍ଦ୍ୱାରା ଜିନ୍ଦଲ ଇଣ୍ଡିଆ ଥର୍ମାଲ ପାୱାର ଲିମିଟେଡ ଦ୍ୱାରା ଟାକୁଆ ଓ ଡେରେଙ୍ଗ କ୍ଷତିଗ୍ରସ୍ତ ପ୍ରଜାମାନଙ୍କୁ ଜଣାଇ ଦିଆଯାଉଛି ଯେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ DAWN (Development Alternatives for Wider Net Work, Bhubaneswar) ଙ୍କ ତରଫରୁ ଉପରାସ୍ତା ପାଇଁ ଏକ ସାମାଜିକ ଆର୍ଥିକ ସର୍ଭେକ୍ଷଣ କରାଯାଇଛି । ଏହି ଆଧାରରେ କ୍ଷତିଗ୍ରସ୍ତ ମୂଳ ପରିବାର ଓ ପରିବର୍ଦ୍ଧିତ ପରିବାର ମାନଙ୍କର (Extended R&R Family) ମାନଙ୍କର ଏକ ତାଲିକା ଉକ୍ତ ସଂସ୍ଥା ତରଫରୁ ପ୍ରସ୍ତୁତ କରାଯାଇଛି ।

ଏହି ତାଲିକା ସର୍ବସାଧାରଣଙ୍କ ଗୋଚରାର୍ଥେ ପ୍ରତି ଗ୍ରାମର ସଭାପତି ଓ ସମ୍ପାଦକଙ୍କ ନିକଟରେ / ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ / ଜିଲ୍ଲା ପୁନର୍ବାସ ଓ ଥଇଥାନ କାର୍ଯ୍ୟାଳୟରେ ପ୍ରଦର୍ଶିତ ହୋଇଅଛି । ଜିଲ୍ଲା ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ରରେ ସରକାରୀ ୱେବସାଇଟ୍ http://angul:nic:in ରେ ମଧ୍ୟ ଏହି ତାଲିକା ପ୍ରଦର୍ଶିତ ହୋଇଅଛି ।

ସୂଚନାଯୋଗ୍ୟ ଯେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶାନୁଯାୟୀ କ୍ଷତିଗ୍ରସ୍ତ ପ୍ରଜାଙ୍କର ସାବାଳକ ନାତି (Grandson) ଓ ୧୮ରୁ ୩୦ ବର୍ଷ ବୟସ୍କା କନ୍ୟାମାନେ ଏହି ତାଲିକାରେ ସ୍ଥାନ ପାଇବେ ନାହିଁ । ୪(୧) ଧାରା ନୋଟିସ ପ୍ରକାଶନ ଶେଷ ତାରିଖରେ (Cut Off Date) ପୂର୍ବ ତିନି ବର୍ଷ ମଧ୍ୟରେ ଯେଉଁମାନେ ଜମି କିଣିଛନ୍ତି ବା ଜମି କିଣି ଘର କରିଛନ୍ତି ସେମାନେ ମୂଳ ବାସିନ୍ଦା ରୂପେ ବିବେଚିତ ହେବେ ନାହିଁ ଓ ପୂନର୍ବାସ ଓ ଥଇଥାନ (R&R) ସୁବିଧା ପାଇବେ ନାହିଁ । ଏମାନଙ୍କୁ କ୍ଷତିଗ୍ରସ୍ତ ପରିବାର ଭାବରେ ଗଣାଯିବ ନାହିଁ । ଅଧିଗ୍ରହଣ ଏରିଆ ମଧ୍ୟରେ ପୂର୍ବରୁ ଜମି କିଣି ସର୍ବନିମ୍ନ ତିନି ବର୍ଷ ଧରି ରହିବା ଘରକରି ସ୍ଥାୟୀ ଭାବରେ ରହୁଥିଲେ କେବଳ ଓଡିଶା ପୁନର୍ବାସ ଓ ଥଇଥାନ ନୀତି, ୨୦୦୬ ଅନୁସାରେ (R&R) ସୁବିଧା ମିଳିପାରିବ ।

କ୍ରମଶଃ.......

ଯଦି କୌଣସି କ୍ଷତିଗ୍ରସ୍ତ ପରିବାରର ନାମ ଏହି ତାଲିକାରେ ସ୍ଥାନ ପାଇନଥାଏ କିମ୍ବା କୌଣସି ଅଯୋଗ୍ୟ ବ୍ୟକ୍ତିଙ୍କ ପରିବାର ଏଥିରେ ସାମିଲ ଥିବାର ପରିଲକ୍ଷିତ ହୁଏ ତେବେ ଜନସାଧାରଣ ପ୍ରକଳ୍ପ ନିର୍ଦ୍ଦେଶକ, ପୁନର୍ବାସ ଓ ଥଇଥାନ, ଅନୁଗୋଳଙ୍କ ନିକଟରେ ଦାବୀ ଆପତ୍ତି ଏହି ପ୍ରକାଶନର ତିରିଶ ଦିନ ମଧ୍ୟରେ ଲିଖିତ ଆକାରରେ ଦାଖଲ କରିପାରିବେ ।

ଉପରୋକ୍ତ ତାରିଖ ପରେ କୌଣସି ଦରଖାସ୍ତ ଗ୍ରହଣୀୟ ହେବ ନାହିଁ ।

ପ୍ରକାଶନ ତାରିଖ – ୨୭/୧୧/୨୦୧୧

ଦରଖାସ୍ତ ଗ୍ରହଣର ଶେଷ ତାରିଖ – ୨୭/୧୨/୨୦୧୧

୨୭-୧୧-୧୧

Project Director
Rehabilitation and Resettlement
Angul

ପରିପତ୍ର ସଂଖ୍ୟା 198 ତା. 26/11/2011

ଏହାର ଏକକିତା ନକଲ ସହିତ ସଂପୃକ୍ତ ଗ୍ରାମର କ୍ଷତିଗ୍ରସ୍ତ ଓ ପରିବାର·ମାନଙ୍କର ଗ୍ରାମ ସଭାପତି / ସମ୍ପାଦକ ଡେରେଙ୍ଗ, ଟାକୁଆ ଗ୍ରାମକୁ ପଠାଗଲା । ତାଙ୍କୁ ଅନୁରୋଧ ଯେ ଏହି ତାଲିକାକୁ ଗ୍ରାମବାସୀମାନଙ୍କୁ ଠିକ୍ ଭାବରେ ପ୍ରଦର୍ଶନ କରାଇବେ । ଏଥି ସହିତ ସେମାନେ ନିଜ ନିଜ ଗ୍ରାମର ଦରଖାସ୍ତ ଗୁଡିକୁ ଏକତ୍ରିତ କରି ଏକ ତାଲିକା ସହିତ ଜିଲ୍ଲା ପୁନର୍ବାସ ଓ ଥଇଥାନ କାର୍ଯ୍ୟାଳୟରେ ନିର୍ଦ୍ଧାରିତ ତାରିଖ ପୂର୍ବରୁ ଦାଖଲ କରିବେ ।

୨୭-୧୧-୧୧

Project Director
Rehabilitation and Resettlement
Angul